ଧର୍ମପଦ

## ଗାୟତ୍ରୀବାଳା ପଣ୍ଡା

ସତ କହ, ତତେ କ'ଣ ଦିଶୁଚି ତୋର ମୁହଁ!
ପ୍ରତିବିଂବିତ ହୋଇପାରୁଚି ହୃଦୟ ତୋର
ମଣିଷ ମନରେ !

ସତ କହିଲେ ତୁ କ'ଣ
ତୋ ନିଜର ପ୍ରତିଫଳନ
ସମୟର ହରେକ୍ ପାହାଚରେ !

ତୁ କ'ଣ ଜାଣିନୁ
ଯୋଉଠି ଯୋଉଠି ପଡ଼ିଚି ତୋର ଛାଇ
ସେଠି କେମିତି ମାଡ଼ିଯାଇଚି
ଅରାଏ ଖଣ୍ଡେ ପୋଡ଼ା ଘା'ର ଛାଇ
କୋଣାର୍କର !
ତୁ କ'ଣ ଥମ୍‌ହୋଇ ରହିଯାଇନୁ
କୋଣାର୍କର ମୁଖଶାଳାରେ ସେଇଦିନଠୁଁ?
ତୋପାଇଁ କ'ଣ ଗୁମୁରିଗୁମୁରି କାନ୍ଦିନି
ତୋର ବାପା ରାତିଅଧରେ
ସମସ୍ତେ ଘୁଙ୍ଗୁଡ଼ି ମାଡ଼ିବା ପରେ
ନିନ୍ଦିନି ତାର ଭାଗ୍ୟ,
ମାନିଯାଇନି ହାର୍
ବାରଶ' ବଢ଼େଇ ପାଖରେ ।

ତୋର ସିନା ଦୁଃଖ ନାଇଁ
ତୁ ଜାଣିପାରିନୁ ବୋଲି
ଯେ କେତେ କ'ଣ ଅଘଟଣ ଘଟିଯାଉଚି
ଝାଉଁବଣର ଶୂନ୍ୟତାରେ
ମଝିରେ ମଝିରେ
କେତେ ଅସହାୟ ହୋଇପଡୁଚି କୋଣାର୍କ
ବୁଲେଇ ଦଉଛି ମୁହଁ
ଲୁହ ନିଗିଡ଼ିଆସିବା ବେଳେ ।

ସେ ସାକ୍ଷୀ ହୋଇପାରୁନି
ସତ କହିପାରୁନି
କହିପାରୁନି ସିଏ ସ୍ଥାପତ୍ୟ ନୁହଁ
ସ୍ଥବିର ନୁହଁ
ସତସତିକା ସାକ୍ଷୀଟିଏ ସବୁରି ଅପରାଧର ।
ସ୍ଥିତଧୀ ସିଏ ।

ତୁ ଜାଣିପାରିନୁ ବୋଲି ଦୁଃଖ ନାଇଁ ତୋର
ଯେ ତୋର ସ୍ୱପ୍ନସବୁ
ଆଉ ସ୍ୱପ୍ନହୋଇ ରହିନାହିଁ
ରଜାଙ୍କର ସ୍ତମ୍ଭ ଓ ସ୍ୱାକ୍ଷରସବୁ
ଭାଂଗିଗଲାଣି ଝଡ଼ପବନରେ
କେବଳ ଇତିହାସଟିକୁ ବାଦ୍‌ଦେଲେ
ଗର୍ବକଲାପରି ଆଉ କିଛି  ବି
ରହିପାରିନି କୋଣାର୍କ ପାଖରେ ।
'ବାରଶ' ବଢ଼େଇର ଦାୟ' ବି
କ୍ରମେ ଅସ୍ୱଷ୍ଟ ହୋଇଆସିଲାଣି
ପୃଥିବୀର ପ୍ରଗତି ପାଖରେ,
ବଢୁଥିବା ଭୋକ ସାମ୍ନାରେ ।

ତୁ କ'ଣ ଜାଣିନୁ
ତଥାପି  ଛିଡ଼ାରହିଚି ମୁଁ
ଖରାକୁ ମୁହଁକରି, ଦର୍ପଣ ଧରି
ଏଇଠି ତୋର ଚୂଡ଼ାନ୍ତ ସ୍ୱାକ୍ଷର ପାଖରେ
କାଳେ ତୋର ଛାଇଟିକୁ ଦେଖିପାରିବି ମୁଁ
ମୋର ନଷ୍ଟହୋଇଆସୁଥିବା
ଜଳକା ବ ର୍ମାନରେ
କହିପାରିବି; ଦେଖ ଦେଖ,
କେଡ଼େ ଛୋଟ ପିଲାଟିଏ
ଜୀବନକୁ ପାଣିଛଡ଼େଇ ମିଶିଯାଇଚି
ସମୁଦ୍ର ସହ ସମୁଦ୍ର ହୋଇ ଚନ୍ଦ୍ରଭାଗାରେ ।

ଯାହାର ମହ ୍ୱାକାଂକ୍ଷାର ବାସ୍ନା
ଖେଳିବୁଲୁଚି ପବନରେ
ଯାହାର କୌତୁହଳ ଝଟକୁଚି
କୋଣାର୍କର ଦୀପ୍ତ ଆଖିଡୋଳାରେ ।

ସମୟର ଉଲ୍ଲାସପାଇଁ
ନଟୀମାନଙ୍କର ନୀରବହୋଇ
ବର୍ଷବର୍ଷଧରି ବଂଚିରହିବାରେ ।

ଇତିହାସ

**ଗାୟତ୍ରୀବାଳା ପଣ୍ଡା**

ତମେ ଇତିହାସକୁ କାଦୁଅ ଛାଟନା
ପାରୁତ ଯଦି ଅଳନ୍ଧୁସବୁ ପୋଛିଆଣ
ଅନ୍ତର୍ଦୃଷ୍ଟିର ଓଦାକନାରେ
ଟିକେ ସଫାଦିଶୁ ଇତିହାସର ମୁହଁ।

ବିଦ୍ରୋହ, ବିପ୍ଳବ
ଯୁଦ୍ଧ, ଦୁର୍ଭିକ୍ଷ
ଲୁଣ୍ଠନ ଓ ଅତ୍ୟାଚାର
ଏସବୁ ରହିବା କଥା ତ ରହିବ
ଇତିହାସର ଦୋଷ କ'ଣ !
ତାକୁ କେବଳ ସାକ୍ଷୀଟିଏ କରି ସମୟର
ଝୁଲାଇ ଦିଆଯିବ ଭବିଷ୍ୟ ପଢ଼ିପାରିଲାଭଳି
ସବୁଠୁ ଲଂବ ଖଂବରେ।

ଆମେ ବୟସ୍କମାନେ ନିଇତି ଚାହୁଁଥିବା ସେଠିକୁ
ପାଟି ଫିଟି ନଥିବା ଆମ ପିଲାମାନଙ୍କ
ଆଖି ପାଉନଥିବ
କିଛି ବୁଝିନପାରୁଥିବା
ଡବଡବ ଆଖିକୁ ତାଂକର
ଆମେ ପ୍ରବୋଧନା ଦବୁ
ବଡ଼ ହ', ଜାଣିବ।

ସିଏ ସତକୁ ସତ ବଡ଼ ହେବେ
ଦିନେ ନା ଦିନେ ସେମାନେ ବି
ଘୃଣା କରିଶିଖିବେ ଇତିହାସକୁ।

ଅଥଚ ଆମପରି କେବେବି
ଶିଖିପାରିବେ ନାହିଁ
କ'ଣ କାରଣ
ଯୁଦ୍ଧ, ହିଂସା, ରକ୍ତପାତ ଓ ବିଦ୍ରୋହର।

ଯଦି ସବୁ ମୂଳରେ ମଣିଷ ଅଛି
ତେବେ ମଣିଷ କାଇଁକି
ଏଇ କେତୋଟି ଶବ୍ଦ
ତାର ଆତ୍ମାର ଅଭିଧାନରୁ
ରକ୍ତର ବହଳତାରୁ
ବିବେକର ବିଶାଳତାରୁ
କାଢ଼ି ଫିଙ୍ଗିଦଉନି
କାହିଁକି ବଦଳିଯାଉନି ଦୃଶ୍ୟପଟ
ସତେଜ ଦିଶୁନି ନୁଖୁରା ମୁହଁ
ଇତିହାସର !

ଉଦଳା

## ଗାୟତ୍ରୀବାଳା ପଣ୍ଡା

ସେଠି ମୋର ଅପରାହ୍ନ ମିଳେଇ ଚାଲିଥିଲା
ମୋର ରକ୍ତ ଭିତରେ
ଝାଳର ଲୁଣିଆ ସ୍ୱାଦ ଭିତରେ ।

ତଥାପି ଚାହିଁରହିଥିଲି
ଚେନାଏ ହବ କିରଣ,
ଆଂଜୁଳାଏ ହବ ଖଇରିଆ ରଂଗର ଧୂଳି
ଆଖିଏ ଖଣ୍ଡେ ସେଇ ହାଡ଼ମାଳ, କଂକାଳସାର
ଲୋକଙ୍କର ମୁହଁଟିମାନ
ସ୍ପନ୍ଦନରେ ମୋର ଜାକିରଖିବାକୁ
ବଂଚିବାର ବାକିତକ ବେଳ ।

ଆମକୁ ଘ   ାଏ ଖଣ୍ଡେ ଲାଗିଲା ପାହାଡ଼ଚଢ଼ା
ବାଟରେ ବସିବସି କିଛି ଦମ୍ ନେଲ୍
ଝରଣାପାଣି ଛାଟିଲୁ ମୁହଁ, ଆଖିକୁ
ଅଣ୍ଡା, ପାଉଁରୁଟି ଖାଇଲୁ ପେଟଭରିକି
ପୁଣି ବାଟ ଚାଲିଲୁ
ଦୁର୍ଗମ, ବଂଧୁର ବାଟ ।
ଦେଖିଲୁ ଦେବକୁଣ୍ଡ-ଦେବୀକୁଣ୍ଡ
ପୂଜା ଅର୍ଚ୍ଚନା ସରିବାପରେ ଫେରିଲୁ
ଅବିକଳ ବାଟର ବାସ୍ତବତାରେ ।

କିନ୍ତୁ ମନେରଖିଲୁ ଉଦଳାରେ ପହଂଚି
କାଳିଆ ବାବୁଙ୍କ ଘରେ ବିଶ୍ରାମନବାର କଥା
ମନେରଖିଲୁ ଦେବକୁଣ୍ଡକୁ ଯିବାକୁ ହେଲେ
ଖାଲିହାତରେ ନୁହଁ
ଉଦଳା ବଜାରରୁ କିଛି ଖାଦ୍ୟ, ପାନୀୟ
ଯେମିତିକି ଥର୍ମୋଫ୍ଲାସ୍କରେ ଚା'
ପାଣିବୋତଲରେ ପାଣି
ଥଳୀରେ କିଛି ଫଳ, ବିସ୍କୁଟ୍, ଅଣ୍ଡା ପାଉଁରୁଟି
କଦଳୀ କିଣିନବାର କଥା ।

ସେ କଂକାଳସାର କୋରଡ଼ିଆ ଆଖିଟି ମାନ
ମନେରଖିଲୁ !
ନାଃ ! ମନେରଖିଲୁ ନାଇଁ
ତାଙ୍କୁ ଝୁଲେଇଦେଲୁ
ନିଜ ନିଜର ଭ୍ରମର ଫାଶୀଖୁ   ରେ

ଉଦଳାରୁ ଫେରିବା ବାଟରେ ।

## କଳାହାଣ୍ଡିର ଲୋକ

## ଗାୟତ୍ରୀବାଳା ପଣ୍ଡା

ଆମର ହାଡ଼କୁ ଆଉ
ଦୟାର ଦର୍ଜା ଦିଅନାହିଁ।

ଖୁବ୍ ନିଃସ୍ୱ ହୋଇଗଲୁଣି ଆମେ
ତମଠାରୁ ପ୍ରତିଶ୍ରୁତି ନେଇ ନେଇ
ଉପହସିତ ହେଲୁଣି
ଆମର ଅପେକ୍ଷା ପାଖରେ।

ଆମ ମୁଣ୍ଡଉପର ଆକାଶରେ ମେଘ ନାହିଁ
ମାଟିରେ ମମତା ନାହିଁ ତ କ'ଣ ହେଲା
ନଥାଉ କୋଉଠି କିଛି।
ଆମ ସ୍ତ୍ରୀପିଲା ବିକ୍ରୀ ହୁଅନ୍ତୁ ହାଟରେ
କି ନିଲାମ୍ ହୁଅନ୍ତୁ ବିଦେଶୀ ପାଖରେ
ଝିଅ ଆମର ନାଚୁଥାଉ ବେଶ୍ୟାଳୟରେ
କି ପୁଅ ବ୍ରାଉନ୍‌ସୁଗାର ବିକୁ ଦଲାଲ୍ ପାଖରେ
ଆମ ଢିଅରେ ବିଲୁଆ ନାଚୁ
କି ବେଠି ଖଟୁ ଆମେ ସୁରତ, ମାଡ୍ରାସ୍‌ରେ।
ତମ ଦୟାର ପାଣି ସି   ନା
ଆମ ନୁଖୁରା ବିଲବାଡ଼ିରେ
ଢିଅ ଅରାକରେ
ଜୀବନର ସଂଜ ସକାଳରେ।

ଆମର ଅସହାୟତା ଫୁଲ ହୋଇ ନ ଫୁଟୁ
ତମ ବକ୍ତୃତାରେ
ଆମ ଗରୀବିପଣ ଥାକଥାକ ଫାଇଲ୍ ହୋଇ
ନ ରହଂତୁ ସଚିବାଳୟରେ।
ଆମର ପରିଚୟ କଳାହାଂଡ଼ିର କଂକାଳହୋଇ
ନ ନାଚୁ ଟିଭି ପରଦାରେ
ଖବରକାଗଜ ପୃଷ୍ଠାରେ।

ଥାଉ।
ଆମେ ସେମିତି
କଳାହାଂଡ଼ିର ଲୋକ ହୋଇ ରହୁ
କଳାହାଂଡ଼ିରେ,
ଓଡ଼ିଶା ମାନଚିତ୍ରରେ।

ଆମକୁ ନେଇ ଖୁବ୍‌ଗୁଡ଼ାଏ ମିଛିମିଛିକା
ଝଡ଼ ନ ଉଠୁ ସଭାସମିତିରେ, ଭାଷଣରେ,
ନିର୍ବାଚନୀ ଏଜେଣ୍ଡାରେ,
ନେତାଙ୍କ ତୋଫାନୀ ଗସ୍ତରେ।

## ଭାରତବର୍ଷ

## ଗାୟତ୍ରୀବାଳା ପଣ୍ଡା

ତୋର ବେଦ, ଉପନିଷଦ
ପୁରାଣ, ମହାପୁରାଣ
ସବୁ ରକ୍ତରେ ଅଛି ମୋର ।

ଜେଜେଙ୍କଠାରୁ ଶୁଣିଚି
ଯେତେବେଳେ ବି
ଅଂଧାର ଘୋଟିଆସିଚି ପୃଥ୍ୱୀରେ
କିଏ ନା କିଏ ଆଲୁଅ ଧରି
ଆସି ପହଂଚିଛନ୍ତି
ତୋର ଖାଲି ଆଖିର ଦୁଆରେ ।

ଯାହାକୁ କାଳକାଳପାଇଁ ମନେରଖିଚି ସଂସାର ।
ତୁ ତାଙ୍କୁ କ'ଣ ନାଁ ଦେଇଛୁ
ଭାରତବର୍ଷ ମୋର !
ଅବତାରୀ ପୁରୁଷ ନା ମହାତ୍ମା
କ'ଣ ନାଁ ଦେଇଚୁ
ପ୍ରଳୟ ପ୍ଲାବନରୁ ଆବିଷ୍କୃତ
ନୂତନ ସକାଳଟିର !

ମୁଁ ତାକୁ ସାରାବେଳ ଭାରତବର୍ଷ ଭାବିଚି,
ଭାରତବର୍ଷ !
ତୁ ତ ସେଇ ଯିଏ ମତେ ଶିଖେଇଚି
ପୁଣ୍ୟର ପବିତ୍ର ସ୍ୱର
ତୁ ସେଇ ଯିଏ ମତେ ଦେଇଚି ଆଖି ଯୋଡ଼ାଏ
ବାଛିବା ପାଇଁ ନାଁ : ନ୍ୟାୟ ଅନ୍ୟାୟର
ତୁ ସେଇ ତ ଯିଏ ଦେଇଚି ମତେ ହୃଦୟଟିଏ
ତିଆରି କରିବାପାଇଁ ସମୟ : ପ୍ରେମ, ବିଶ୍ୱାସର ।

ତୁ ମତେ ଦେଇଚୁ
ଭାତ, ରକ୍ତ ଓ ତ ୍ୟ
ଦେଇଚୁ ଭାଗ୍ୟ, ରହସ୍ୟ ଓ ତପସ୍ୟା
ଭାରା, ରଫା ଓ ତନ୍ତ୍ର
ଭାବ, ରଂଗ ଓ ତର୍କ
ଭାଷା, ରଜ ଓ ତନ୍ଦ୍ରା
ତୁ ସବୁ ଦେଇଚୁ ମତେ ଭାରତବର୍ଷ
ମୁଁ ଦେଇଚି କ'ଣ-
ଦେଇପାରିଚି କି
ସାରାଜୀବନ ତୋର ହେଇ ରହିବାର
ଅକ୍ଷତ ପ୍ରତିଶ୍ରୁତିଟିଏ,
ସତରେ କ'ଣ ମୁଁ ଭରିପାରିଚି
ତୋ ଦେହର କ୍ଷତ !

**ବୈଷମ୍ୟ**

**ଗାୟତ୍ରୀବାଳା ପଣ୍ଡା**

ଆମର ନଗ୍ନତା ତଳେ
କେତେ କ'ଣ ଲୁଚିରହିଚି
ଜାଣିଚ କିଏ ! ଅଥଚ ଅଂଧାରରେ
ଆମର ନଗ୍ନତା ଥିଲା ଏକାପରି
ଯେମିତି ଲାଲ୍ ରଂଗ-ରକ୍ତର
ଧଳା ରଂଗ-ହାଡ଼, ଚର୍ବିର
ସେମିତି ନଗ୍ନତା ଆମର-ସମାନ ରଂଗର।

ଅଥଚ ଯେତେପ୍ରକାରେ
ବଦଳିଚାଲିଲା ପୋଷାକ
ଦେହ ଉପରର,
ବଦଳିଚାଲିଲା ନାଁ
ନିଜ ନିଜର ନଗ୍ନତାର।

ଧର୍ମ ଦେଲା ଗୋଟିଏ ନାଁ ତାର
କର୍ମ ଡାକିଲା ତାକୁ ଆଉପ୍ରକାରେ
ରୂପ ନାଁ ଦେଲା ଭିନ୍ନ ବାଗରେ
ଜାତି ଠା' ଠା' କଲା ହଜାରେ ଠା'ରେ
ଗୋଷ୍ଠୀ ବାଂଟିଦେଲା ଅଲଗା ଢଂଗରେ।

ଯେବେ ଏମ୍ତି ଏମ୍ତି ହୋଇ
ବଦଳିଚାଲିଲା ନଗ୍ନତା
ମଣିଷ ଭିତରେ
ବିଷ ଆଉ ମନେହେଲାନି ବିଷପରି
ବୈଷମ୍ୟ, ବିଭେଦପାଇଁ
ଦୁଃଖ କଲାନି ମଣିଷ
ବରଂ ତାକୁ ପିନ୍ଧିରଖିଲା
ନିଜର ସୁରକ୍ଷାପାଇଁ
କବଚ, କୁଂଡଳ ପରି।

ମୁଁ ବି ଥିଲି ସେଇ ମଣିଷଙ୍କ ଭିଡ଼ରେ।
ଯଦିଓ ମୋ ଭିତରେ ମିଳଉଥିଲା
ବିଚ୍ଛେଦର ଅସହ୍ୟ ଯଂତ୍ରଣା।
ମୋ ଜ୍ଞାତି ପରିଜନଙ୍କ ରକ୍ତରେ
ମୋର ପିଲାଦିନ,
ଅବୁଝା ଅଝଟ ଜିଦ୍ ମିଳେଇବାପରି।
ମୋ ସାଇଭାଇଙ୍କ ରାସ୍ତାରେ,
ପାଖ ଗାଁର ନାଳି ସଡ଼କରେ
ମୋର ସ୍କୁଲ୍ ଯିବାର ଦିନମାନ
ହଜିଆସିବାପରି।